ମୁଣ୍ଡ ?

ଝିମ୍ ଝିମ୍ ଲାଗୁଛି ।

ଜିଭ ?

ଟାଣି ହୋଇଯାଉଛି ।

ଆଖି ?

ଲାଗୁଛି ଛୋଟ ପେଣ୍ଡୁ, ଆଉ ଭିତରକୁ ପଶିଗଲା ପରି ।

(ମଣ୍ଡୁକ - ପୃ - ୪୯)

ଏହିପରି ତାଙ୍କ ନାଟକରେ ଆମେ ନାଟ୍ୟଭାଷା ସହିତ ନାଟ୍ୟରୀତିର ପ୍ରୟୋଗ ଦେଖିପାରିବା । ଉଭଟ ନାଟକର ସଳାଂପ ଗୁଡ଼ିକ ସଂକ୍ଷିପ୍ତ । ଅସମାପିକା ବାକ୍ୟରେ ନିର୍ମିତ ।

**ଦୀର୍ଘ ସମାସକୀର୍ଣ୍ଣ ବାକ୍ୟ :**

ଗାଳ୍ପିକ ନିମାଇଁ ଚରଣ ପଟ୍ଟନାୟକ ଗଳ୍ପ ଭାଷାରେ ଅନେକତ୍ର ଦୀର୍ଘବାକ୍ୟ ଓ ସମାସଯୁକ୍ତ ପଦର ବ୍ୟବହାର ମଧ୍ୟ ଦେଖିବାକୁ ମିଳେ । ଯେତେବେଳେ ଗଳ୍ପରେ ସ୍ଥାନିତ ଚରିତ୍ରର ଉତ୍କଣ୍ଠା-ଆଗ୍ରହ-ଅଭିଳାଷ କିମ୍ବା ଅନ୍ୟମନସ୍କ ଚିନ୍ତା ଗୁଡ଼ିକ ପ୍ରସଙ୍ଗ ରୂପେ ଆସିଛି ସେଠାରେ ନିମାଇଁ ପଟ୍ଟନାୟକ ଦୀର୍ଘ ବାକ୍ୟ , ଦୀର୍ଘ ଅନୁଛେଦ ପ୍ରୟୋଗ କରିଥିବାର ଦେଖାଯାଏ ।

"ସତରେ ଯଦି କେବେ ଟ୍ରକ୍ ଜିପ୍ ଧକ୍କା ଖାଇ ଡାକ୍ତର ଖାନାରେ ମଲା ଗଲା ଅବସ୍ଥାରେ ପଡନ୍ତି ଏବଂ ଡାକ୍ତର ମୋର ବଞ୍ଚିବାର ଆଶା ଛାଡିଦିଅନ୍ତେ ,ତା ହେଲେ ଗୁନା ଭାଇ ନିଶ୍ଚେ ଦେଖିବାକୁ ଯାଆନ୍ତେ "। ( ପ୍ରଜାପତିର ଜନ୍ମ ,ପୃ-୭୩)

ଅନ୍ୟଘଟ ଘଟାନ୍ତର ଗଳ୍ପରେ ଗୋଟିଏ ପାରାଗ୍ରାଫ୍ ୩୦ ଧାଡ଼ି ବିଶିଷ୍ଟ । ଏହା ଏକ ଚରିତ୍ରର (ଶୁଦ୍ଧ) କୁକୁର ପରି ଅନୁଭବ ଓ କ୍ରିୟାକଳାପ ପ୍ରକାଶର ଏକ ଦୀର୍ଘ ବର୍ଣ୍ଣନା । ଚରିତ୍ରଟି କୁକୁରର ଅଭିନୟ କରୁଛି । ଦ୍ରଷ୍ଟା ମାନେ ଆନନ୍ଦ ପ୍ରକାଶ କରିବାରୁ ସେ ଅଧିକରୁ ଅଧିକ ଉତ୍ସାହିତ ହୋଇ ଅଭିନୟକୁ ନିଖୁଣ କରିବାକୁ ଚେଷ୍ଟା କରୁଛି । ଅତ୍ୟଧିକ ପରିଶ୍ରମରେ ତାର ମୃତ୍ୟୁ ଘଟୁଛି ।

"ଦଳେ ଉତ୍ୟକ୍ତ ଯୁବକ ପଶିଗଲେ ଭିତରକୁ । ଭାଙ୍ଗି ପକେଇଲେ ତାଙ୍କର ରଙ୍ଗୀନ ଟି.ଭି ଓ ଫ୍ରିଜ୍ । ଭାଙ୍ଗି ପକାଇଲେ ଫିଲିପ୍ସ୍ ର ମ୍ୟୁଜିକ୍ ସେଟ୍ । ଦୁଇଟି ଉଶୃଙ୍ଖଳ ଟୋକା ଖୋଜିଲେ ବି ତାଙ୍କର କଲେଜ୍ ପଢୁଆ ଝିଅକୁ । ହତାଶରେ କିଏ ଜଣେ କହିଲା – ଶଳା ଚାଲାକି କରି କେତେବେଳେ ଝିଅକୁ ବାହାରକୁ ପଠାଇଦେଇଛି "। (ସ୍ୱପ୍ନାଭିସାର - ୧୪୭) ।

କେବଳ ଏତିକି ନୁହେଁ ଏପରି ଅନେକ ଗଳ୍ପ ରହିଅଛି , ଯେଉଁଥିରେ ଦୀର୍ଘ ସମାସକୀର୍ଣ ବାକ୍ୟର ବହୁଳ ପ୍ରୟୋଗ ଦେଖିବାକୁ ମିଳିଅଛି, ଏହା ହେଉଛି ଗାଳ୍ପିକ ପଟ୍ଟନାୟକଙ୍କ ସ୍ୱତନ୍ତ ଶୈଳୀର ପରିଚୟ ।

***ସାହୁ: ନିମାଇଁ ଚରଣ ପଟ୍ଟନାୟକଙ୍କ ଗଳ୍ପର ଭାଷା ଓ ଶୈଳୀ :***

ଗାଳ୍ପିକ ସୁରେନ୍ଦ ମହାନ୍ତି, ଅଖିଳମୋହନ ପଟ୍ଟନାୟକ, ମହାପାତ୍ର ନୀଳମଣି ସାହୁ ଏହି ସାହିତ୍ୟିକ ମାନଙ୍କର ସମସାମୟିକ ଥିଲେ ନିମାଇଁ ଚରଣ ପଟ୍ଟନାୟକ । ସେମାନଙ୍କର ଶୈଳୀ ଓ ଭାଷା ଖୁବ୍ ପାର୍ଥକ୍ୟ ପରିଲକ୍ଷିତ ହୋଇଥାଏ । ନିମାଇଁ ପଟ୍ଟନାୟକଙ୍କ ଗଳ୍ପରେ ଅନେକ ଗ୍ରାମୀଣ ଶବ୍ଦ , ଚିତ୍ରକଳ୍ପ ପ୍ରୟୋଗ , ଇଂରାଜୀ ଶବ୍ଦ ଏବଂ ତତ୍ସମ ଶବ୍ଦର ପ୍ରୟୋଗ କରିଥିବାର ଦେଖାଯାଇଥାଏ ।

**ଗ୍ରାମୀଣ ଶବ୍ଦ :**

ନିମାଇଁ ପଟ୍ଟନାୟକଙ୍କ ଗଳ୍ପର ସ୍ଥଳବିଶେଷରେ ଅଳ୍ପ ପରିମାଣର ଗ୍ରାମୀଣ ଶବ୍ଦ ପ୍ରୟୋଗ କରାଯାଇଛି ।

ଯଥା - ଚେତା ଚପଟ, ଚହଟୁଛି ,ଝିମ୍ ଝିମ୍ , ମୁକୁଳା ବାଳ, ତୋଫା ଖରା, ଚେନା ଚେନା ମେଘ , ଛିନ୍ ଛତର , ଢିମା ଢିମା, ଉସକେଇବା, ମିଟି ମିଟି, ଉଲୁସି ଉଠିବା----, ଛନ୍ ଛନ୍ , ଆରାମ ଚଉକି,ଘୁମାଇ, ଫଟେଇ ଦଉଡ, ବାଉଳା ପ୍ରଭୃତି ଏପରି ଅନେକ ଶବ୍ଦ ରହିଅଛି ।

**ଚିତ୍ରକଳ୍ପ ପ୍ରୟୋଗ :**

ନିମାଇଁ ପଟ୍ଟନାୟକଙ୍କ ଗଳ୍ପରେ ଚିତ୍ରକଳ୍ପର ପ୍ରୟୋଗ ଅତ୍ୟନ୍ତ ଚମତ୍କାର । ଯାହା ଗଳ୍ପର ପୃଷ୍ଠଭୂମିକୁ ଆକର୍ଷଣ କରିଥାଏ । ସେଥିମଧ୍ୟରୁ କେତୋଟି ଉଦ୍ଧାର କରାଯାଉଛି ।

କ) ଆକାଶରେ ଛନାଛନା ନାଲି ମେଘ ଆକାଶର ଫୁଲବନରେ ସତେ ଯେମିତି ନିଆଁବ ଲାଗିଛି । (ଅବନ୍ଧନ , ପୃ - ୪୨)

ଖ) ତାକୁ କେଜାଣି କେମିତି ଖୁସି ଖୁସି ଲାଗିଲା - ଲଗାଣ ମେଘ ଅନ୍ଧାର ଦିନରେ ଟିକିଏ ଖରା ପଡ଼ିଗଲା ପରି । (ଶ୍ରାବଣର ଖରା - ୪୬)

ଗ) ପାହାଡ଼ ଉପରେ ଜହ୍ନ ତମ୍ଭଳିଆ ଦିଶୁଛି , କମଳା କୋଳା ପରି ଜହ୍ନ । (ଅନ୍ଧାରର ଛାଇଁ , ପୃ - ୭୮)

ଘ) ତାଙ୍କର କମଳାରଙ୍ଗର ପାଦ - ମଞ୍ଜୁଆତିରେ ପଚାରିଲା ଭଳି । (ଇନ୍ଦ୍ରଧନୁ , ପୃ - ୬୪)

ଙ) ପହିଲି ଆଷାଢ଼ି ଅସରାର ଦାଗ ଚାତକ ମନରୁ ନ ଲିଭିଲା ପରି ତୋର ଉଦାସ ଛାଇ ମୋ ମନରୁ ଲିଭୁ ନାହିଁ । (ଚୋରାବାଲି, ୯୮)

ଚ) ପାହାଡ଼ ଶିଖରରେ ମେଘ ଧୀରେ ଧୀରେ ସଂଚରୁଛି, ତାଳବଣର ଗର୍ଭବତୀ ନାରୀ ଭଳି । (ମଧ୍ୟାହ୍ନର ମାନଚିତ୍ର - ୧୦୪)

ଛ) ବୋତଲରୁ ଝରି ପଡିଲା ବେଳେ ସାତମେନ୍ ଗାଉଛି ଆଜି ଝରଣାର ଗୀତି । (ସନ୍ଧ୍ୟାର କାକଳି -୧୦୪)

ଜ) ଓଲଟା ଖଣ୍ଡାପରି ବିପଦ ଝୁଲୁଛି । (ଶ୍ୱାପଦ - ୧୨୨)

ଏହିପରି ଅନେକ ଚିତ୍ରକଳ୍ପ ଓ ସଂକେତ ମାଧ୍ୟମରେ ତାଙ୍କ

ଚତୁଃପାର୍ଶ୍ୱରେ ଘଟିଯାଇଥିବା ଘଟଣାକୁ ସେ ଅତ୍ୟନ୍ତ ଚମତ୍କାରିତା ଭାବରେ ମାନବୀୟ ଚିନ୍ତନ ଓ ସମ୍ବେଦନଶୀଳତା ସହିତ ସମନ୍ୱିତ କରିପାରନ୍ତି । ନିମାଇଁ ଚରଣଙ୍କ ସ୍ୱପ୍ନ , ଦୃଶ୍ୟ , ଦ୍ରବ୍ୟ ବା ଚରିତ୍ରକୁ ଯୋଡିଛନ୍ତି ଗପର କାହାଣୀ ଭାଗ ଓ ମଣିଷର ମନସ୍ତତ୍ୱ ସହିତ । ( ଓଡିଆ କ୍ଷୁଦ୍ରଗଳ୍ପ ଧାରା ଓ ଧାର - ୨ୟ ଭାଗ , ପୃ -୧୧୨)

ଏତଦ୍ ବ୍ୟତୀତ ଗଳ୍ପ ବର୍ଣ୍ଣନାର ସ୍ଥାନେ ସ୍ଥାନେ ଲୋକକାହାଣୀ ଓ ଲୋକଗୀତର ଯଥାର୍ଥ ସଂଯୋଜନା ଦେଖିବାକୁ ମିଳିଥାଏ ।

**ଇଂରାଜୀ ଶବ୍ଦ :**

ନିମାଇଁ ପଟ୍ଟନାୟକଙ୍କ ଗଳ୍ପରେ ଇଂରାଜୀ ଶବ୍ଦର ପ୍ରୟୋଗ ମଧ୍ୟ ଦେଖିବାକୁ ମିଳିଥାଏ । ତନ୍ମଧ୍ୟରୁ କେତୋଟି ଚିହ୍ନଟ କରାଯାଇଛି ।

ଯଥା - ପାଇପ୍, ଡ୍ରେସିଂ ଟେବୁଲ୍, ପାଉଡର, ଲାଇଟ୍, ଷ୍ଟେସନ, ଟର୍ଚ୍ଚ, ସିଗାରେଟ୍, ପୋଷ୍ଟର, ହେଡମାଷ୍ଟର, କପି, ସିନେମା, ଫାଷ୍ଟ, ଟେଲିଫୋନ୍, କାର୍ବନ୍ ପେପର, ହ୍ୟାଣ୍ଡସ୍ ଅପ୍, ମେଜର, ବାର୍ଥରୁମ୍, ହଲ, ଫ୍ରିଜ୍, ରେଡ଼ିଓ, ରିଭଲଭର, ଟ୍ରିଗର ଇତ୍ୟାଦି ଅନେକ ଶବ୍ଦ ରହିଅଛି ।

**ତତ୍ସମ ଶବ୍ଦ -**

ଏହି ପ୍ରକାର ଶବ୍ଦର ଚମତ୍କାରିତାକୁ ମଧ୍ୟ ତାଙ୍କ ଗଳ୍ପରେ ସ୍ଥାନିତ କରିଛନ୍ତି ।ଯଥା - ନାଭିଚକ୍ର , ଅଶ୍ଳୀଳ , ସ୍ୱର୍ଣ୍ଣ , ନୃଶଂସ , ଅନ୍ୱେଷଣ , ନିତ୍ୟ , ଅକ୍ଷୟ , ଦୁଃସାହସିକତା ମଧ୍ୟାହ୍ନ , ପ୍ଲାବନ , ଜଳାଶୟ , ଭୂତଳଶାୟୀ , ସୁଧିକୃଟ ଇତ୍ୟାଦି ।

ବିଷ୍ଣୁଶର୍ମାଙ୍କ ବିରଚିତ ପନ୍‌ଚତନ୍ତ କାହାଣୀକୁ ଆଧାରକରି ଅନେକ ଗଳ୍ପ ମଧ୍ୟ ରଚନା କରିଛନ୍ତି , ଯେଉଁଥିରେ ସଂସ୍କୃତ ଶବ୍ଦର ମଧ୍ୟ ଛାପ ଦେଖାଯାଇଥାଏ । ନିମାଇଁଙ୍କ ଗଳ୍ପ ପଢିବାକୁ ଯେପରି ଭଲ ଲାଗେ ତା'ଠାରୁ ଶବ୍ଦ ସଂଯୋଜନା ଶୈଳୀ ଅତ୍ୟନ୍ତ ଉଚ୍ଚକୋଟୀର ମନେହୁଏ ।

ନିମାଇଁ ପଟ୍ଟନାୟକଙ୍କ ପ୍ରୟୋଗ ଚିତ୍ରକଳ୍ପ ସବୁ ନିଜସ୍ୱ ଓ ମୌଳିକ । ସହଜ ଭାବରେ ନିଜ ଜୀବନ ତଥା ପ୍ରକୃତିରୁ ସେ ଚିତ୍ରକଳ୍ପମାନ ତିଆରି କରି ତାଙ୍କ ଗଳ୍ପରେ ପ୍ରୟୋଗ କରିଥାନ୍ତି । ସ୍ୱଳ୍ପ ସମୟ ମଧ୍ୟରେ ଖୁବ୍ ସାଧାରଣ କଥାକୁ ନେଇ ଗଳ୍ପ ଲେଖିଥିଲେ ବି ନିମାଇଁ ଚରଣ ପଟ୍ଟନାୟକଙ୍କ ଗଳ୍ପ ଭାଷା ଯୋଗୁଁ ସେ ପାଠକଙ୍କର ଖୁବ୍ ପ୍ରିୟ ହୋଇପାରିଛନ୍ତି । ପରିଶେଷରେ ନିମାଇଁ ପଟ୍ଟନାୟକଙ୍କ ନାଟକୀୟତା , କାବ୍ୟିକତା ଓ ମନସ୍ତତ୍ୱର ପ୍ରୟୋଗ ଗଳ୍ପରେ ଯେଉଁଭଳି ଭାବରେ କରାଯାଉଛି ତାହା ସମଗ୍ର ପାଠକ-ପାଠିକା ମାନଙ୍କୁ ସମ୍ମୋହିତ କରିପାରେ । ସେ ଚିତ୍ରକଳ୍ପ-ବ୍ୟନ୍‌ଜନଧର୍ମୀ , ପ୍ରତୀକ ଓ ମନସ୍ତତ୍ୱ ପ୍ରୟୋଗର ସଫଳ ରୂପକାର ବୋଲି ହୃଦଗମ ହୋଇଥାଏ ।

**ଉପସଂହାର :**

ଉତର ଷାଠିଏ କାଳରେ ଗାଳ୍ପିକ ନିମାଇଁ ପଟ୍ଟନାୟକ ଥିଲେ ଜଣେ ପରିଚିତି ନାମ । ତାଙ୍କ ଗଳ୍ପରେ ଚରିତ୍ରର ଜୀବନ କାହାଣୀ ଅପେକ୍ଷା ତାର ଚିନ୍ତାଚେତନା; ଆଦର୍ଶ ଓ ମନସ୍ତତ୍ତ୍ୱର ବର୍ଣ୍ଣନା ପ୍ରଧାନ୍ୟ ପାଇଛି । କେବଳ ମଣିଷ ନୁହେଁ , ସମୟ ,ସ୍ଥାନ, ବସ୍ତୁ,ପଦାର୍ଥ ପାଇଛନ୍ତି ଚରିତ୍ରର ଭୂମିକା । କିଶୋରୀ ମାନଙ୍କ ଉପରେ ଆଧାରିତ ତଥା ବୟସର କ୍ରମ ପରିଣତି ଅବସ୍ଥାରେ ଦେଖା ଯାଉଥିବା ଯୌନ ମନସ୍ତତ୍ତ୍ୱ , ଆବେଗ ,କଳ୍ପନା ଭାବପ୍ରବଣତା ଭିତ୍ତିକ ଗଳ୍ପକୁ ନିଖୁଣ ଭାବରେ ଚିତ୍ରିତ କରିଛନ୍ତି । ଗଳ୍ପରେ ଅନ୍ତର୍ନିହିତ ଥିବା ଶବ୍ଦ ସଂଯୋଜନା ,ଭାଷା ଶୈଳୀ ଅତ୍ୟନ୍ତ ଉଚ୍ଚକୋଟୀର । ମନସ୍ତତ୍ତ୍ୱକୁ ଆଧାର କରି ଗଳ୍ପ ଲେଖୁଥିବା ଗାଳ୍ପିକ ମାନଙ୍କ ମଧ୍ୟରୁ ଶ୍ରୀ ପଟ୍ଟନାୟକ ଥିଲେ ଅନ୍ୟତମ । ମନସ୍ତତ୍ତ୍ୱ ଅଧାରିତ ଗଳ୍ପରେ ସାଧାରଣତଃ ଶବ୍ଦ ଓ ଭାଷାର ପରିବର୍ତ୍ତନ ଆସିଥାଏ ,ଯାହା ଗାଳ୍ପିକ ପଟ୍ଟନାୟକଙ୍କ ଗଳ୍ପରେ ଦେଖିବାକୁ ମିଳିଥାଏ । ମନସ୍ତତ୍ତ୍ୱ ଭିତ୍ତିକ ଗଳ୍ପ ମାଧ୍ୟମରେ ସେ ସମାଜକୁ ଅନେକ ଶିକ୍ଷଣୀୟ ବାର୍ତ୍ତା ପ୍ରଦାନ କରିବାରେ କୃତିତ୍ୱ ଅର୍ଜନ କରିପାରିଛନ୍ତି ।

**ସହାୟକ ଗ୍ରନ୍ଥସୂଚୀ :**


୧. ନିର୍ଝରିଣୀ,ଶ୍ରୀଦତା, ପ୍ରଧାନ,କୃଷ୍ଣଚନ୍ଦ୍ର (ସଂ), ମନ ଗହନର ସଫଳ ଉଚାରଣ , ଗାଳ୍ପିକ ନିମାଇଁ ଚରଣ , ଓଡିଆ କ୍ଷୁଦ୍ରଗଳ୍ପର ଧରା ଓ ଧାରା (୨ୟ ଭାଗ),ପୃ -୧୦୧ ସତ୍ୟନାରାୟଣ ବୁକ୍ ଷ୍ଟୋର, ବିନୋଦବିହାରି ,କଟକ, ପ୍ରକାଶନ-୨୦୨୨

୨. ପଟ୍ଟନାୟକ , ନିମାଇଁ ଚରଣ , ନୀଳ ସପନର ଅଭିଷେକ , ଫ୍ରେଣ୍ଡସ୍ ପବ୍ଲିଶର୍ସ , କଟକ , ପ୍ରକାଶନ - ୨୦୦୧

୩. ପଟ୍ଟନାୟକ , ନିମାଇଁ ଚରଣ , ପଦ୍ମତୋଳା , ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ପ୍ରକାଶନ - ୧୯୬୬

୪. ପଟ୍ଟନାୟକ, ନିମାଇଁ ଚରଣ, ନିଜ ସହ ନିଜର ସମ୍ପର୍କ , ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ପ୍ରକାଶନ - ୨୦୦୨

୫. ପାଣ୍ଡବ, ଶତ୍ରୁଘ୍ନ, ଅନ୍ଧାରର ପଦ୍ମତୋଳା ଓ ନିଜ ଠାରୁ ନିଜର ଦୂରତା 'ଇସ୍ତାହାର' ପତ୍ରିକା, ପୃ - ୨୧୩

୬. ବେହେରା, ପ୍ରାଣକୃଷ୍ଣ, ନିମାଇଁ ଚରଣ ପଟ୍ଟନାୟକଙ୍କ ଗଳ୍ପ ଏକ ଆକଳନ, ଗୁରୁକୁଳ ପବ୍ଲିଶିଙ୍ଗ ହାଉସ, ନୟାଗଡ, ପ୍ରଥମ ପ୍ରକାଶନ - ୨୦୨୪

୭. ସାହୁ, ନକୁଳ ଚନ୍ଦ୍ର, ଶବ୍ଦବାଦ ଓ ଶୈଳୀ ତତ୍ୱ, କାବ୍ୟଲୋକ, ଭୁବନେଶ୍ୱର, ପ୍ରଥମ ପ୍ରକାଶନ - ୨୦୨୩


❖ ❖ ❖